# NATIONAL NEWS BULLETIN (ODIA)

**9 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କଲେ ବିଜେପି ବିଧାୟକ ଦଳ ନେତା ଶୁଭେନ୍ଦୁ ଅଧିକାରୀ ।

- କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଗଣ ।

- ପଚିଶେ ବୈଶାଖୀ ଅବସରରେ ଆଜି ପାଳନ କରାଯାଉଛି ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀ ।

- ସୋମନାଥ ମନ୍ଦିର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରାଯାଉଛି ସୋମନାଥ ଅମୃତ ପର୍ବ ୨୦୨୬ ।

- ଦେଶର ପରବର୍ତ୍ତୀ ପ୍ରତିରକ୍ଷା ମୁଖ୍ୟ ଭାବେ ନିଯୁକ୍ତ ହେଲେ ଲେଫ୍ଟନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜି ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

# ଶୁଭେନ୍ଦୁ ଅଧିକାରୀ-ଟେକ୍ସ ଓଥ୍

ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶୁଭେନ୍ଦୁ ଅଧିକାରୀ ଆଜି ଶପଥ ଗ୍ରହଣ କରିଛନ୍ତି । କୋଲକାତାର ବ୍ରିଗେଡ ପରେଡ ପଡ଼ିଆଠାରେ ଶପଥଗ୍ରହଣ ସମାରୋହରେ ଶ୍ରୀ ଅଧିକାରୀଙ୍କୁ ରାଜ୍ୟପାଳ ଆର୍.ଏନ୍. ରବି ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ବିଜେପି ପ୍ରଥମଥର ପାଇଁ ପଶ୍ଚିମବଙ୍ଗରେ ସରକାର ଗଠନ କରିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଭବାନୀପୁର ଓ ନନ୍ଦୀଗ୍ରାମ ବିଧାନସଭା ମଣ୍ଡଳୀରେ ନିର୍ବାଚିତ ହୋଇଛନ୍ତି । ପଚିଶେ ବୈଶାଖ ତଥା ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ଅବସରରେ ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ନେଇ ବିଜେପି ଦଳ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀଙ୍କ ସହ ଦିଲ୍ଲୀପ ଘୋଷ, ଅଗ୍ନିମିତ୍ର ପାଉଲ, ଅଶୋକ କୀର୍ତ୍ତନିଆ, ଖୁଦିରାମ ଟୁଡୁ, ନିଶିତ ପ୍ରମାଣିକ ପ୍ରମୁଖ ମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି । ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଏନ୍‌ଡିଏ ତଥା ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ପ୍ରମୁଖ ଯୋଗ ଦେଇଥିଲେ । କବିଗୁରୁ ଶ୍ରୀ ଟାଗୋରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶପଥଗ୍ରହଣ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ।

# ରବୀନ୍ଦ୍ର ଜୟନ୍ତୀ

ପଚିଶେ ବୈଶାଖ ଅବସରରେ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀ ଆଜି ପାଳନ କରାଯାଉଛି । ବିଶ୍ୱବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଶାନ୍ତି ନିକେତନ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗ, ବାଂଲାଦେଶ ଏବଂ ଭାରତର ବିଭିନ୍ନ ପ୍ରାନ୍ତରେ ରବୀନ୍ଦ୍ର ସଂଗୀତ ଗାନ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁଦେବ ଶ୍ରୀ ଟାଗୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି ଗୁରୁଦେବଙ୍କ ଅବଦାନ ସାହିତ୍ୟ କ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଦିଗରେ ପରିବ୍ୟାପ୍ତ । ଶ୍ରୀ ଟାଗୋରଙ୍କୁ ଜଣେ ଅଗ୍ରଣୀ ଚିନ୍ତାନାୟକ, କଳାକାର ଏବଂ ଶିକ୍ଷାବିତ୍ ଭାବେ ସେ ବର୍ଣ୍ଣନା କରିଛନ୍ତି । ବିଶ୍ୱକବିଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାରେ ଭାରତୀୟ ସଭ୍ୟତାର ସମୃଦ୍ଧି ଓ ମାନବତାର ସାର୍ବଜନୀନ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରବୀନ୍ଦ୍ରନାଥ ଟାଗୋରଙ୍କୁ ଚିନ୍ତାନାୟକ, ଲେଖକ ଏବଂ ଅସାଧାରଣ ପ୍ରତିଭାର କବି ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଗୁରୁଦେବ ଟାଗୋର ଜଣେ ବିଶିଷ୍ଟ ଦାର୍ଶନିକ, ଶିକ୍ଷାବିତ୍ ଏବଂ ଭାରତୀୟ ସଭ୍ୟତାର ଆତ୍ମାର କାଳଜୟୀ ସ୍ୱର ଭାବେ ନିଜର ଛାପ ଛାଡିଯାଇଛନ୍ତି । ସମାଜକୁ ନୂତନ ଚିନ୍ତାଧାରା, ସୃଜନଶୀଳ ଶକ୍ତି ଏବଂ

ସାଂସ୍କୃତିକ ଆତ୍ମବିଶ୍ୱାସରେ ଗୁରୁଦେବ ସମାଜକୁ ସମୃଦ୍ଧ କରିଥିଲେ ବୋଲି ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଗୁରୁଦେବଙ୍କ ସାହିତ୍ୟ, ସଂଗୀତ ଏବଂ ଦର୍ଶନ ସ୍ୱାଧୀନତାର ଭାବନାକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିଥିଲା । ଶ୍ରୀ ଟାଗୋରଙ୍କ 'ଜନ-ଗଣ-ମନ...' ସଂଗୀତ ଜାତୀୟ ଏକତା, ମର୍ଯ୍ୟାଦା ଏବଂ ଆତ୍ମସମ୍ମାନକୁ ସ୍ୱର ପ୍ରଦାନ କରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ଭାବନାକୁ ମଜଭୁତ କରିଥିଲେ । ଗୁରୁଦେବଙ୍କ ଜୀବନାଦର୍ଶ ଓ ମୂଲ୍ୟବୋଧ ପରବର୍ତ୍ତୀ ପୀଢ଼ିକୁ ସର୍ବଦା ପ୍ରେରଣା ପ୍ରଦାନ କରିଆସିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ଜନ୍ମବାର୍ଷିକୀ ପାଳନ ଅବସରରେ ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ଆଜି ସାଂସଦ, ପୂର୍ବତନ ସଦସ୍ୟ, ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂହ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି । ଭାରତର ପ୍ରଥମ ନୋବେଲ ପୁରସ୍କାର ବିଜେତା ଗୁରୁଦେବ ଟାଗୋରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ଲୋକସଭା ସଚିବାଳୟ କହିଛି ତାଙ୍କର ଲେଖା ଦେଶବାସୀଙ୍କ ମଧ୍ୟରେ ଦେଶପ୍ରେମକୁ ଅଧିକ ଉଜ୍ଜିବୀତ କରିଥିଲା ।

# ସୋମନାଥ ଅମ୍ରିତ ପର୍ବ

ଗୁଜୁରାଟ ସ୍ଥିତ ସୋମନାଥ ମନ୍ଦିରର ପୁନଃ ନିର୍ମାଣର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ 'ସୋମନାଥ ଅମୃତ ପର୍ବ ୨୦୨୬' ପାଳନ କରାଯାଉଛି । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ମନ୍ଦିରର ଐତିହାସିକ ଗୁରୁତ୍ୱ ଏବଂ ସ୍ଥାୟୀ ଐତିହ୍ୟକୁ ପ୍ରତିପାଦନ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାର ଦିନ ସୋମନାଥ ମନ୍ଦିର ଗସ୍ତରେ ଯିବେ ।

ଏକହଜାର ୨୬ ମସିହାରେ ସୋମନାଥ ମନ୍ଦିର ଉପରେ ପ୍ରଥମଥର ପାଇଁ ଆକ୍ରମଣ ହୋଇଥିଲା । ଚଳିତବର୍ଷ ଏହାର ଏକହଜାର ବର୍ଷ ପୂରଣ ହୋଇଛି । ୧୯୫୧ ମସିହାରେ ସୋମନାଥ ମନ୍ଦିର ପୁନଃ ଖୋଲିଥିଲା । ଚଳିତବର୍ଷ ଏହାର ୭୫ତମ ବାର୍ଷିକୀ ପାଳନ କରାଯାଉଛି । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୧୯୫୧ ମସିହାରେ ଏହାକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଭଗବାନ ଶିବଙ୍କ ୧୨ଟି ଆଦି ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ପ୍ରଥମ ଭାବରେ ସୋମନାଥ ମନ୍ଦିର ଏକ ପବିତ୍ର ସ୍ଥାନ ଭାବେ ମାନ୍ୟତା ଲାଭ କରିଛି । ଶହଶହ ବର୍ଷ ଧରି ଆକ୍ରମଣକାରୀଙ୍କ ଦ୍ୱାରା ସୋମନାଥ ମନ୍ଦିର ବାରମ୍ବାର ଧ୍ୱଂସ ଏବଂ ଲୁଣ୍ଠିତ ହୋଇଥିଲେ ମଧ୍ୟ ପ୍ରତ୍ୟେକ ଥର ଭକ୍ତ ଏବଂ ଶାସକ ଏହାର ପୁନଃନିର୍ମାଣ କରିବା ସହ ହୃତଗୌରବର ପୁର୍ନରୁଦ୍ଧାର କରିଛନ୍ତି । ଦେଶର ଅଖଣ୍ଡ ବିଶ୍ୱାସ ଏକ ସାକ୍ଷୀ ଭାବେ ସୋମନାଥ ମନ୍ଦିର ରହିଆସିଛି । ଆସନ୍ତା ସୋମବାର ଦିନ ୧୧ଟି

ପବିତ୍ର ତୀର୍ଥସ୍ଥଳୀରୁ ଆସିଥିବା ଜଳ ବ୍ୟବହାର ମାଧ୍ୟମରେ ମନ୍ଦିର ଶିଖରରେ କୁମ୍ଭାଭିଷେକ ସହିତ ଅମୃତ ଉତ୍ସବ ସମାପନ ହେବ ।

## ସିଡିଏସ୍-ସୁବ୍ରମଣି

ଲେଫ୍ଟନାଣ୍ଟ ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ପରବର୍ତ୍ତୀ ପ୍ରତିରକ୍ଷା ମୁଖ୍ୟ ଭାବେ ନିଯୁକ୍ତ ହୋଇଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀ ସୁବ୍ରମଣି ଦାୟିତ୍ୱ ଗ୍ରହଣ କରିବା ତାରିଖରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସାମରିକ ବ୍ୟାପାର ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିବେ । ବର୍ତ୍ତମାନର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନଙ୍କ କାର୍ଯ୍ୟକାଳ ଆସନ୍ତା ୩୦ ତାରିଖରେ ଶେଷହେବାକୁ ଯାଉଛି । ଏହାପରେ ଲେଫ୍ଟନାଣ୍ଟ ଜେନେରାଲ ଶ୍ରୀ ସୁବ୍ରମଣି ଦାୟିତ୍ୱଗ୍ରହଣ କରିବେ । ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଶ୍ରୀ ସୁବ୍ରମଣି ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଗତବର୍ଷ ସେପ୍ଟେମ୍ବର ଠାରୁ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ ଶ୍ରୀ ସୁବ୍ରମଣି କାର୍ଯ୍ୟ କରୁଛନ୍ତି । ପୂର୍ବରୁ ସେ ସେନାର ଉପାଧ୍ୟକ୍ଷ ଏବଂ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ୍ ଭାବରେ କାର୍ଯ୍ୟ କରିଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କର୍ଣ୍ଣାଟକ ଓ ତେଲେଙ୍ଗାନା ଗସ୍ତରେ ଯିବେ । ପୂର୍ବାହ୍ନ ୧୧ଟାରେ ବେଙ୍ଗାଲୁରୁସ୍ଥିତ ଆର୍ଟ ଅଫ୍ ଲିଭିଂର ୪୫ତମ ବାର୍ଷିକ ସମାରୋହରେ ଶ୍ରୀ ମୋଦୀ ଯୋଗଦେବା ସହ ସେଠାକାର  ଆନ୍ତର୍ଜାତିକ କେନ୍ଦ୍ରରେ ନବନିର୍ମିତ ଧ୍ୟାନ ମନ୍ଦିରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ସେଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବେ । ଏହାପରେ ପ୍ରଧାନମନ୍ତ୍ରୀ ହାଇଦ୍ରାବାଦ ଗସ୍ତ କରି ଅପରାହ୍ଣ ୩ଟାରେ ପ୍ରାୟ ୯ଜହାର ୪୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ସେଗୁଡ଼ିକ ମଧ୍ୟରେ ହାଇଦ୍ରାବାଦ ପଣଜି ଅର୍ଥନୈତିକ କରିଡରର ଗୁଡେବେଲୁରରୁ ମହବୁବ ନଗର ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ୧୬୭ର ଶିଳାନ୍ୟାସ କରିବେ । ଏଥିପାଇଁ ମୋଟ୍ ୩ହଜାର ୧୭୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ଏଥିସହ ବିଭିନ୍ନ କ୍ଷେତ୍ରରେ ଅନ୍ୟକେତେକ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ଟିଏନ୍-ଗଭ୍ ଫରମେସନ

ବହୁମତ ଅଭାବରୁ ତାମିଲନାଡୁରେ ନୂତନ ସରକାର ଗଠନ ବିଳମ୍ବ ହେଉଛି । ସିପିଆଇଏମ୍‌ର ଜାତୀୟ ସାଧାରଣ ସମ୍ପାଦକ ବେବି କହିଛନ୍ତି ସବୁଠାରୁ ଅଧିକ ଆସନ ଅକ୍ତିଆର କରିଥିବା ଦଳକୁ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରିବା ରାଜ୍ୟପାଳଙ୍କ କର୍ତ୍ତବ୍ୟ । ଆଇ.ୟୁ.ଏମ୍.ଏନ୍ ଟିଭିକେକୁ ସମର୍ଥନ କରିବା ନେଇ ଅଗ୍ରାହ୍ୟ କରିଥିବାରୁ ସରକାର ଗଠନ ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଆଜି ହେବାକୁ ଥିବା ଶପଥଗ୍ରହଣ ସମାରୋହ ହୋଇପାରି ନାହିଁ ।

ଅନ୍ୟପକ୍ଷରେ ରାଜନୈତିକ ଘଟଣାକ୍ରମରେ ଏଏମ୍ଏମ୍‌କେ ମୁଖ୍ୟ ଟିଟିଭି ଦୀନାକରନ ତାଙ୍କ ଦଳର ବିଧାୟକଙ୍କ ଦ୍ୱାରା ଟିଭିକେକୁ ଦିଆଯାଇଥିବା ନକଲି ସମର୍ଥନ ପତ୍ର ଉପରେ ରାଜ୍ୟପାଳଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆଜି ଅପରାହ୍ଣ ୪ଟା ସୁଦ୍ଧା ଟିଭିକେ ସହିତ ଭିସିକେ ଆନୁଷ୍ଠାନିକ ଭାବେ ବୈଠକ କରିବାର ସମ୍ଭାବନା ରହିଛି । ଏଆଇଏଡିଏମ୍‌କେ ନବନିର୍ବାଚିତ ବିଧାୟକ ଦଳ ଚେନ୍ନାଇଠାରେ ଦଳର ସାଧାରଣ ସମ୍ପାଦକ ଏଡାପଡି ପାଲାନିସାମିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

# ଶିଲଂ ଆକାଶବାଣୀ-୯୦ ବର୍ଷ

ଆକାଶବାଣୀ ଶିଲଂ ଆଜି ସାର୍ବଜନୀନ ପ୍ରସାରଣରେ ଏହାର ସେବାର ୯୦ବର୍ଷ ପୂର୍ତ୍ତି ପାଳନ କରିବା ଅବସରରେ ସହରରେ ଏକ ଗଣଦୌଡ଼ ସଫଳତାର ସହିତ ଆୟୋଜନ କରିଥିଲା । ବିଭିନ୍ନ ସ୍କୁଲ, କଲେଜର ଛାତ୍ର ଏବଂ ଫିଟ୍‌ନେସ୍ ଉତ୍ସାହୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରସାରଣରେ ଆକାଶବାଣୀର ନଅ ଦଶନ୍ଧି ଧରି ରହିଥିବା ଅବଦାନକୁ ପାଳନ କରିବା ସହିତ ଫିଟ୍‌ନେସ୍ ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆକାଶବାଣୀ-୯୦

ଆକାଶବାଣୀର ପ୍ରତିଷ୍ଠାର ୯୦ବର୍ଷ ପୂର୍ତ୍ତି ଉପଲକ୍ଷେ ଜଳନ୍ଧର ଷ୍ଟେସନ ଆଜି ଏକ ୱାକଥାନ୍ କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ଶହଶହ ଶ୍ରୋତା, ଉପସ୍ଥାପକମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପଟିଆଲା ଷ୍ଟେସନରେ ମଧ୍ୟ ଏକ ୱାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଆଜି ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ସଂଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଟର୍ସ’ ଦିଲ୍ଲୀ କ୍ୟାପିଟାଲ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି ।